ଆଇନଜୀବୀ ଆନ୍ଦୋଳନ, ଚାଷୀ ଆନ୍ଦୋଳନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଅଗଣତାନ୍ତ୍ରିକ

# ବଳପୂର୍ବକ ଆନ୍ଦୋଳନ ଦମନ କରୁଥିବା ସରକାରର ପତନ ସୁନିଶ୍ଚିତ : ବିଜେପି

- **ରାଜ୍ୟରେ ଅଘୋଷିତ ଜରୁରୀକାଳିନ ଅବସ୍ଥା ସୃଷ୍ଟି ହୋଇଛି**
- **ଦୁଇମାସ ଚାଲିଥିବା ଆଇନଜୀବୀଙ୍କ ଆନ୍ଦୋଳନକୁ ରାଜ୍ୟସରକାର ସମାଧାନ କରିବାରେ ବିଫଳ ହେବାପରେ ହିଂସାତ୍ମକ ରୂପ ଦେବା ଗଣତନ୍ତ୍ରର ହତ୍ୟା ସଦୃଶ୍ୟ**
- **ରାଜ୍ୟ ସରକାର ଓକିଲ, କୃଷକ, ଶିକ୍ଷକ, ଚିଟଫଣ୍ଡ କ୍ଷତିଗ୍ରସ୍ତ, ରାଜନୈତିକ ଆନ୍ଦୋଳନକୁ ବଳପୂର୍ବକ ଦମନ କରିବା ପାଇଁ ଚେଷ୍ଟା କରୁଛନ୍ତି**
- **ଯେତେବେଳେ କୌଣସି ସରକାର ଆନ୍ଦୋଳନକୁ ବଳପୂର୍ବକ ଦମନ କରିବା ପାଇଁ ଚେଷ୍ଟାକରେ ସେତେବେଳେ ତାର ପତନ ହୋଇଥାଏ**
- **ଦୀର୍ଘ ଦୁଇମାସ ଧରି ଆଇନଜୀବୀଙ୍କର ଆନ୍ଦୋଳନ ପାଇଁ ସମସ୍ତ ବିଚାର ବ୍ୟବସ୍ଥା ଠପ ହୋଇପଡିଥିଲାବେଳେ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରି ସମାଧାନ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ**

**ଭୁବନେଶ୍ୱର, ତା.୩୦/୧୦:** ରାଜ୍ୟରେ ଦୀର୍ଘ ଦୁଇମାସ ଧରି ଯେପରିଭାବେ ଆଇନଜୀବୀଙ୍କ ଆନ୍ଦୋଳନ ଚାଲିଥିଲା ଏବଂ ରାଜ୍ୟସରକାର ଏହାର ସମାଧାନ କରିବାରେ ବିଫଳ ହେବାପରେ ଏହି ଆନ୍ଦୋଳନକୁ ଏକ ହିଂସାତ୍ମକ ରୂପ ଦେଉଛନ୍ତି ଏହା ଗଣତନ୍ତ୍ରର ହତ୍ୟା ସଦୃଶ୍ୟ ବୋଲି ବରିଷ୍ଠ ବିଜେପି ନେତା ତଥା ପୁର୍ବତନ ମନ୍ତ୍ରୀ ବିଶ୍ୱଭୁଷଣ ହରିଚନ୍ଦନ କହିଛନ୍ତି ।

ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଯେତେବେଳେ କୌଣସି ସରକାର ଆନ୍ଦୋଳନକୁ ବଳପୂର୍ବକ ଦମନ କରିବା ପାଇଁ ଚେଷ୍ଟାକରେ ସେତେବେଳେ ତାର ପତନ ହୋଇଥାଏ । ରାଜ୍ୟ ସରକାର ଆଜି ଓକିଲ, କୃଷକ, ଶିକ୍ଷକ, ଚିଟଫଣ୍ଡ କ୍ଷତିଗ୍ରସ୍ତ, ରାଜନୈତିକ ଭଳି ସମସ୍ତ ଅନ୍ଦୋଳନକୁ ବଳପୁର୍ବକ ଦମନ କରିବା ପାଇଁ ଚେଷ୍ଟା କରୁଛନ୍ତି । ଏହାଦ୍ୱାରା ସରକାର ସାଧାରଣ ଲୋକଙ୍କ ସାମ୍ବିଧାନିକ ଅଧିକାର ଓ ଗଣତନ୍ତ୍ରର ହତ୍ୟା କରିଚାଲିଛନ୍ତି । ଯାହାକି ରାଜ୍ୟରେ ଅଘୋଷିତ ଜରୁରୀକାଳିନ ସ୍ଥିତି ସୃଷ୍ଟି କରିଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

ଜନସାଧାରଣଙ୍କୁ ସବୁ କ୍ଷେତ୍ରରେ ନ୍ୟାୟ ପ୍ରଦାନ କରିବା ଓ ସେମାନଙ୍କୁ ସୁଶାସନ ଦେବା ସରକାରଙ୍କର ସବୁଠାରୁ ବଡ ଦାୟୀତ୍ୱ । ଦୀର୍ଘ ଦୁଇମାସ ଧରି ଆଇନଜୀବୀଙ୍କର ଆନ୍ଦୋଳନ ପାଇଁ ସମସ୍ତ ବିଚାର ବ୍ୟବସ୍ଥା ଅଚଳ ହୋଇପଡିଥିଲାବେଳେ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରି ସମାଧାନ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସାଧାରଣ ଲୋକଟିଏ ଆଜି ଏହି ଅଚଳାବସ୍ଥା ପାଇଁ ପେଶି ହୋଇସାରିଲାଣି । ସାଧାରଣ ଲୋକଙ୍କର ସାମ୍ବିଧାନିକ ଅଧିକାରର ନଗ୍ନ ଉଲଂଘନ ହେଉଥିବାବେଳେ ସରକାର ତାଙ୍କ ସାମ୍ବିଧାନିକ ଦାୟୀତ୍ୱ ତୁଲାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

ବିଚାର ବିଭାଗ ହେଲା ଗଣତନ୍ତ୍ରର ଏକ ପ୍ରମୁଖ ଅଙ୍ଗ । ଦୀର୍ଘ ୨ ମାସ ଧରି ଆଇନଜୀବିଙ୍କ ଆନ୍ଦୋଳନ ସତ୍ୱେ ନିଜ ଜିଦ୍‌ରେ ଅଟଳ ରହି ମୁଖ୍ୟମନ୍ତ୍ରୀ ଏହି ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ । ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସରକାର ସଂପୂର୍ଣ୍ଣ ନୀରବଦ୍ରଷ୍ଟା ସାଜି ରହିଲେ । ଏହି କାରଣରୁ ରାଜ୍ୟରେ ଏକ ସାମ୍ବିଧାନିକ ସଂକଟ ସୃଷ୍ଟି ହୋଇଛି । ରାଜ୍ୟ ସରକାର ସାଧାରଣ ଲୋକଙ୍କୁ ସୁଶାସନ ଯୋଗାଇ ନପାରିଲେ ବା ସାମ୍ବିଧାନିକ ସଂକଟ ସୃଷ୍ଟି କଲେ, ତାଙ୍କର ଶାସନ କ୍ଷମତାରେ ରହିବାର କୌଣସି ଅଧିକାର ନାହିଁ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

ଗୋଟିଏ ଅତି ସଂବେଦନଶୀଳ ଘଟଣାରୁ ଏ ସମସ୍ୟାର ଉଦ୍ଭବ ହୋଇଛି । ଜଣେ ଆଇନଜୀବୀଙ୍କୁ ମାଡ ମରାଯିବା ଘଟଣାକୁ ପ୍ରତିବାଦ କରି ହାଇକୋର୍ଟ ବାରର ଆଇନଜୀବୀମାନେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି ଜଣାଇଥିଲେ । ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନକରିବା କାରଣରୁ ସମଗ୍ର ଓକିଲ ସମାଜ କୋର୍ଟ ବର୍ଜନ କରିବାକୁ ଆହ୍ୱାନ ଦେଲେ । ସରକାରଙ୍କ ଏ ନିଷ୍କ୍ରିୟତା, ଦାୟୀତ୍ୱହୀନତା ଓ ବେପାରୁଆ ମନୋଭାବ କାରଣରୁ ଆଇନଜୀବୀମାନେ ମୁଖ୍ୟମନ୍ତ୍ରୀ ବାସଭବନ ଘେରାଓ କରିବାକୁ ଘୋଷଣା କରିବା ପରେ ରାଜ୍ୟ ସରକାରଙ୍କ ଚୈତନ୍ୟୋଦୟ ହେଲା । ମାତ୍ର ଯେପରି ଢଙ୍ଗରେ ବିଜୁ ଜନତା ଦଳ ନିଜର ଆଇନଜୀବୀ ସାମ୍ମୁଖ୍ୟର ଓକିଲ ମାନଙ୍କୁ ବ୍ୟବହାର କରି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଚେଷ୍ଟା କଲେ ତାହା ଏକ ଶାନ୍ତିପୁର୍ଣ୍ଣ ଆନ୍ଦୋଳନକୁ ହିଂସା ମୁହାଁ କଲା । ଆଇନଜୀବୀଙ୍କ ଆନ୍ଦୋଳନର ସମସ୍ୟା ପାଇଁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟମୂଳକ ନିଷ୍କ୍ରିୟତା ଓ ରାଜନୈତି ଅଭିସନ୍ଧି ଅତ୍ୟନ୍ତ ନିନ୍ଦନୀୟ ବୋଲି ଶ୍ରୀ ହରିଚନ୍ଦନ ଅଭିଯୋଗ କରିଛନ୍ତି ।

ସେହିପରି ଚାଷୀମାନେ ନିଜର ହକ ପାଇଁ ଶାନ୍ତିପୁର୍ଣ୍ଣ ଭାବେ ଆନ୍ଦୋଳନ କରିବା ପାଇଁ ରାଜଧାନୀକୁ ଆସୁଥିବାବେଳେ ବାଟରେ ଘାଟରେ ଯେପରି ପୋଲିସ ଉଠାଇ ନେଉଛି ତାହା ହେଉଛି ତୋଗଲକି ଶାସନ ସହ ସମାନ ଶ୍ରୀ ହରିଚନ୍ଦନ ଅଭିଯୋଗ କରିଛନ୍ତି ।

ଶ୍ରୀ ହରିଚନ୍ଦନ କହିଛନ୍ତି କି ସରକାର ଏଥିରୁ କ୍ଷାନ୍ତ ହୁଅନ୍ତୁ ଏବଂ ଲୋକମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ ରଖନ୍ତୁ । ସୃଷ୍ଟି ହୋଇଥିବା ଶାସନ ସଙ୍କଟର ସମାଧାନ କରିବା ପାଇଁ ସରକାର ଯତ୍ନବାନ ହୁଅନ୍ତୁ । ରାଜ୍ୟ ସରକାର ତୁରନ୍ତ ଆଇନଜୀବୀମାନଙ୍କ ସହ ଅଲୋଚନା କରି କୋର୍ଟଗୁଡିକ ଖୋଲି ସାଧାରଣ ଲୋକମାନେ କିପରି ନ୍ୟାୟ ପାଇପାରିବେ ସେ ଦିଗରେ ପଦକ୍ଷେପ ନେବାପାଇଁ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଛନ୍ତି ।

ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପ ସଭାପତି ସମୀର ମହାନ୍ତି ଏବଂ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**